## ୮୨ ମାମଲାର ଆପୋସ ସମାଧାନ
### ୧୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ

**ଚାନ୍ଦବାଲି, ୧୪।୩(କିଷାନ ପାତ୍ର)**

ଭଦ୍ରକ ଜିଲା ଚାନ୍ଦବାଲି କୋର୍ଟ ପରିସରରେ ଚାନ୍ଦବାଲି ଜେଏମ୍ଏଫ୍‌ସି ଜଜ୍ ତନ୍ମୟ ରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଶନିବାର ବିଭିନ୍ନ ମାମଲାର ଆପୋସ ସମାଧାନ କରାଯାଇଛି। ଏହି ଅବସରରେ ମୋଟ ୮୨ଟି ବିଭିନ୍ନ ମାମଲାର ଆପୋଷ ସମାଧାନ ହୋଇଥିବା ବେଳେ ଜରିମାନା ଓ ଅନ୍ୟାନ୍ୟ ଶୁଳ୍କ ଆକାରରେ ମୋଟ ୧୪ ଲକ୍ଷ ୭୪ ହଜାର ୪୨୬ ଟଙ୍କା ଆଦାୟ ହୋଇଥିବା ସୂଚନା ମିଳିଛି। ଏହି ଆପୋଷ ସମାଧାନ ମାଧ୍ୟମରେ ଅନେକ ପୁରୁଣା ମାମଲାର ଶୀଘ୍ର ସମାଧାନ ହେବା ସହ ଅଭିଯୋଗକାରୀ ଓ ପ୍ରତିପକ୍ଷ ଉଭୟଙ୍କୁ ସହଜରେ ନ୍ୟାୟ ମିଳିଥିବା ଜଣାପଡ଼ିଛି। ଚାନ୍ଦବାଲି ଓକିଲ ସଂଘ ସଭାପତି ଉପେନ୍ଦ୍ର କୁମାର ରାଉଳ, ସମ୍ପାଦକ ରାଜନାରାୟଣ ନାୟକ, ଆଦିତ୍ୟ ବିଶାଳ, ସୁରେଶ ସାହୁ, ପ୍ରିୟରଞ୍ଜନ ମହାନ୍ତି, ମାନସୀ ଆଚାର୍ଯ୍ୟ, ପ୍ରଶାନ୍ତ ଦାସ, ପ୍ରଭାସ ମହାନ୍ତି, ଦୀପକ ଭଳ, ରଜନୀ ମହାନ୍ତି, ଶ୍ୟାମସୁନ୍ଦର ମହାନ୍ତି ପ୍ରମୁଖ ଆଇନଜୀବୀ ଉପସ୍ଥିତ ରହି ମାମଲା ପରିଚାଳନା କରିଥିଲେ।

# ଏଲ୍‌ପିଜି ଯୋଗାଣ ସ୍ଥିତି ସମୀକ୍ଷାକଲେ ଜିଲାପାଳ

## ନିୟମିତ ଏଲ୍‌ପିଜି ଯୋଗାଣ ଉପରେ ଗୁରୁତ୍ୱ

**ଭଦ୍ରକ, ୧୪।୩(ସନାତନ ରାଉତ/ ରବିନାରାୟଣ ଖିଲାର)**

ଭଦ୍ରକ ଜିଲାରେ ଏଲ୍‌ପିଜି ଗ୍ୟାସ୍ ଉପଲବ୍ଧତା ଓ ଯୋଗାଣ ସ୍ଥିତି ସମ୍ବନ୍ଧରେ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାରେ ପ୍ରାୟ ୪.୫ ଲକ୍ଷ ଏଲ୍‌ପିଜି ଉପଭୋକ୍ତା ଥିବା ବେଳେ ଯୋଗାଣ ବ୍ୟବସ୍ଥା ସୁପରିଚାଳନା ନେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଜିଲାରେ ବର୍ତ୍ତମାନ ୨୭ଟି ଏଲ୍‌ପିଜି ବିତରକ ଏବଂ ୬୩ଟି ଏମ୍ଏସ୍ ଓ ଏଚ୍ଏସ୍‌ଡି କ୍ଷୁଦ୍ର ବିକ୍ରେତା କାର୍ଯ୍ୟରତ ଅଛନ୍ତି ବୋଲି ବୈଠକରେ ସୂଚନା ଦିଆଯାଇଥିଲା।

ଜିଲାପାଳ ଦିଲୀପ ରାଉତରାଏ ବୈଠକରେ ଅଧ୍ୟକ୍ଷତା କରିବା ସହ ସାପ୍ତାହିକ ସମୀକ୍ଷା ବୈଠକ କରିବା ଓ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଯୋଗାଣ ସ୍ଥିତି ଉପରେ ନିୟମିତ ଭାବେ ନଜର ରଖୁଥିବା କହିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ୍ତ ଓ ରବିନାରାୟଣ ସାହୁ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ ଯୋଗ ଦେଇଥିଲେ। ବୈଠକରେ ହିନ୍ଦୁସ୍ଥାନ ପେଟ୍ରୋଲିୟମ୍ ଓ ଭାରତ ପେଟ୍ରୋଲିୟମ୍‌ର ୨ ଜଣ ବିକ୍ରୟ ଅଧିକାରୀ ଉପସ୍ଥିତ ରହି ଜିଲାରେ ଏଲ୍‌ପିଜି ଯୋଗାଣ ସମ୍ପର୍କୀତ ତଥ୍ୟ ରଖିଥିଲେ। ଜିଲା ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକ ମଧ୍ୟ ଉପସ୍ଥିତ ଥିଲେ। ଜନସାଧାରଣଙ୍କୁ ନିୟମିତ ଏଲ୍‌ପିଜି ଯୋଗାଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।



ସମୀକ୍ଷା ବୈଠକରେ ଜିଲାପାଳ ଦିଲୀପ ରାଉତରାଏ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

# ଏଲ୍‌ପିଜି ଅଭାବକୁ ନେଇ ଚିନ୍ତାରେ ଉପଭୋକ୍ତା

**ତିହିଡ଼ି, ୧୪।୩(ସଞ୍ଜିତ ବଳ)**

ଏଲ୍‌ପିଜି ଗ୍ୟାସ୍‌ର ଅଭାବକୁ ନେଇ ଉପଭୋକ୍ତାମାନେ ଚିନ୍ତାରେ ପଡ଼ିଛନ୍ତି। ଗ୍ୟାସ୍ ସିଲିଣ୍ଡର ମିଳିବା ଅବଧିକୁ ୨୫ ଦିନ ପରିବର୍ତ୍ତେ ୪୫ ଦିନକୁ ବୃଦ୍ଧି କରାଯାଇଥିବା ବେଳେ ସବ୍ ଡିଲରଙ୍କୁ ଯୋଗାଣ ବନ୍ଦ ହୋଇଯାଇଛି। ଫଳରେ ରାନ୍ଧିବା ଲାଗି ସମ୍ପୂର୍ଣ୍ଣ ରୂପେ ଗ୍ୟାସ୍ ଉପରେ ନିର୍ଭର କରୁଥିବା ପରିବାର ପାଇଁ ପରିସ୍ଥିତି ଅଧିକ ଜଟିଳ ହୋଇଥିବା ଜଣାପଡ଼ିଛି। ଅପରପକ୍ଷେ ହୋଟେଲ, କ୍ୟାଣ୍ଟିନ ଇତ୍ୟାଦି ବ୍ୟବସାୟ ପ୍ରତିଷ୍ଠାନକୁ ଗ୍ୟାସ୍ ଯୋଗାଣ ବନ୍ଦ କରି ଦିଆଯାଇଥିବାରୁ ଭଦ୍ରକ ଜିଲା ତିହିଡି ବ୍ଲକ୍ ଅଧୀନ ବିଭିନ୍ନ ବଜାରରେ ଥିବା ହୋଟେଲ ବ୍ୟବସାୟ ପ୍ରଭାବିତ ହୋଇଛି।

ପ୍ରକାଶ ଯେ, ପୂର୍ବରୁ ସବ୍‌ଡିଲର ପଏଣ୍ଟରୁ ସିଧାସଳଖ ଉପଭୋକ୍ତାଙ୍କ ଘରେ ଗ୍ୟାସ୍ ପହଞ୍ଚାଇବାର ବ୍ୟବସ୍ଥା ଥିଲା। ମାତ୍ର ସବ୍‌ଡିଲରଙ୍କୁ ମଧ୍ୟ ଗ୍ୟାସ୍ ଯୋଗାଣ ବନ୍ଦକରି ଦିଆଯାଇଛି। ଫଳରେ ଉପଭୋକ୍ତା ସିଧାସଳଖ ଡିଲର ପଏଣ୍ଟକୁ ଯାଇ ଗ୍ୟାସ୍ ଆଣିବେ। ପ୍ରଥମେ ଡିଲର ପଏଣ୍ଟରୁ ଉପଭୋକ୍ତାଙ୍କ ଘର ପାଖରେ ଗ୍ୟାସ୍ ଯୋଗାଇ ଦିଆଯାଉଥିଲା। ମାତ୍ର ବିଭିନ୍ନ ଅଞ୍ଚଳରେ ଏହାକୁ ନେଇ ସମସ୍ୟା ଉପୁଜିବାରୁ ଏହି ବ୍ୟବସ୍ଥାକୁ ବନ୍ଦ ରଖା ଯାଇଥିବା ଜଣାପଡ଼ିଛି। ଜଣେ ଉପଭୋକ୍ତାଙ୍କୁ ଗ୍ୟାସ୍ ସିଲିଣ୍ଡର ମିଳିବା ଅବଧିକୁ ବୃଦ୍ଧି କରାଯାଇ ୪୫ ଦିନ କରାଯାଇଛି। ଯାହା ପାଇଁ ଉପଭୋକ୍ତା ମଧ୍ୟ ସମସ୍ୟାରେ ପଡ଼ିବା ନେଇ ଆଶଙ୍କା ପ୍ରକାଶ ପାଇଛି। ଗ୍ୟାସ୍‌ର ଅଭାବ ଦେଖାଦେଇଥିବାରୁ ଇଣ୍ଡକ୍ସନ ଓ ଜାଳେଣି ଚୁଲାର ବେଶ୍ ଚାହିଦା ବୃଦ୍ଧି ପାଇଥିବା ପରିଲକ୍ଷିତ ହୋଇଛି। ଏହି ପରିସ୍ଥିତିର ସୁଧାର ନ ଆସିବା ଯାଏ ଲୋକମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେବା ନେଇ ଜଣାପଡ଼ିଛି।

# ମା' ବୁଢ଼ୀ ବାସୁଳୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା



ମନ୍ଦିର ପ୍ରତିଷ୍ଠା ଉତ୍ସବରେ କଳସ ଶୋଭାଯାତ୍ରା।

**ଧାମନଗର, ୧୪।୩(ଦୀନକୃଷ୍ଣ ମହାପାତ୍ର)**

ଧାମନଗର ଏନ୍ଏସି ଅଧୀନ ୮ ନଂ. ୱାର୍ଡ ଶାମପୁର ଗ୍ରାମରେ ମା' ବୁଢ଼ୀ ବାସୁଳୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ସକାଳ ୮ଟାରେ ଜୟନଗରସ୍ଥିତ ଯ ନଦୀ ଘାଟରୁ ପାଣି ଉଠାଇ ୧୦୮ କଳସ ଶୋଭାଯାତ୍ରା କରାଯାଇଥିଲା। ପଣ୍ଡିତମାନଙ୍କ ଦ୍ୱାରା ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ହୋମଯଜ୍ଞ ପରେ ପୂର୍ଣ୍ଣାହୁତି ଦିଆଯାଇଥିଲା। କର୍ତ୍ତା ଭାବେ ପ୍ରଦୀପ ଜେନା ଓ ତାଙ୍କ ସ୍ତ୍ରୀ ନିବେଦିତା ଜେନା କାର୍ଯ୍ୟ ତୁଲାଇଥିଲେ। ସନ୍ଧ୍ୟାରେ ମା'ଙ୍କ ବିଗ୍ରହ ନୂତନ ମନ୍ଦିର ଭିତରକୁ ପ୍ରବେଶ ସହ ଅବସ୍ଥାପିତ କରାଯାଇଥିଲା। ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାସ ଚନ୍ଦ୍ର ମହାପାତ୍ର, ଏମ୍‌ପିଙ୍କ ନଗର ପ୍ରତିନିଧି ସରୋଜ ମହାପାତ୍ର, ଭାଜପା ନେତା ବିରେନ୍ଦ୍ର ଜେନା, ନାରାୟଣ ମହାପାତ୍ର, ରମେଶ ମହାପାତ୍ରଙ୍କ ସହ ଗ୍ରାମର ଶ୍ରଦ୍ଧାଳୁମାନେ ଯୋଗ ଦେଇଥିଲେ। ବିପିନ ମହାପାତ୍ର, ବ୍ୟୋମକେଶ ମହାପାତ୍ରଙ୍କ ସମେତ ଯୁବକମାନେ ସହଯୋଗ କରିଥିଲେ।

# ଥାନାରେ ମାମଲା, ତଦନ୍ତ କଲେ ଆଞ୍ଚଳିକ ନିର୍ଦ୍ଦେଶକ

## ଭଦ୍ରକ କଲେଜରେ ଅଧ୍ୟକ୍ଷ ଓ ଅଧ୍ୟାପକଙ୍କ ମଧ୍ୟରେ ବିବାଦ ଘଟଣା

**ଭଦ୍ରକ, ୧୪।୩(ସନାତନ ରାଉତ)**

ଭଦ୍ରକ କଲେଜରେ ଶୁକ୍ରବାର ଅଧ୍ୟକ୍ଷ ଓ ଅଧ୍ୟାପକମାନଙ୍କ ମଧ୍ୟରେ ଦେଖାଦେଇଥିବା ବିବାଦ ଘଟଣାରେ ଟାଉନ ଥାନାରେ ମାମଲା ରୁଜୁ ହୋଇଛି। ଫକୀର ମୋହନ ବିଶ୍ୱବିଦ୍ୟାଳୟର ଆଞ୍ଚଳିକ ନିର୍ଦ୍ଦେଶକ ହେମନ୍ତ କୁମାର ଘଡ଼େଇ ଶନିବାର ଘଟଣାର ତଦନ୍ତ କରିଛନ୍ତି। ପ୍ରକାଶ ଯେ, ଚଳିତ ମାସ ୧ ତାରିଖରେ କଲେଜରେ ନୂତନ ଅଧ୍ୟକ୍ଷ ଭାବେ ଯୋଗ ଦେଇଥିବା ଡ. ରଜତ ପ୍ରଧାନଙ୍କ କଲେଜ ପରିଚାଳନା ଓ କାର୍ଯ୍ୟଶୈଳୀକୁ ବିରୋଧ କରି କେତେଜଣ ଅଧ୍ୟାପକ ଓ ଛାତ୍ର ଶୁକ୍ରବାର ବିରୋଧ ପ୍ରଦର୍ଶନ କରିଥିଲେ। କେତେଜଣ ଅଧ୍ୟାପକ ଅଧ୍ୟକ୍ଷଙ୍କ ସହ ମୁହାଁମୁହିଁ ହୋଇଥିବା ବେଳେ କେତେଜଣ ଛାତ୍ର କଲେଜ ଫାଟକ ଆଗରେ ଟାୟାର ଜାଳି ପ୍ରତିବାଦ କରିଥିଲେ। ଏପରିକି ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ତାଲା ପକାଇ ଅଧ୍ୟକ୍ଷଙ୍କୁ ଅଟକ ରଖିଥିବା ଅଭିଯୋଗ ହୋଇଥିଲା। ଅଧ୍ୟକ୍ଷ ମନମୁଖୀ ନିଷ୍ପତ୍ତି ନେଉଥିବା ଓ ଛାତ୍ରମାନଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ କରି ତାଙ୍କୁ ତୁରନ୍ତ ବଦଳି ଦାବିରେ ବିରୋଧ ପ୍ରଦର୍ଶନ କରିଥିଲେ। ଟାଉନ ପୋଲିସ ସନ୍ଧ୍ୟାରେ ପହଞ୍ଚି ଅଧ୍ୟକ୍ଷଙ୍କୁ ଉଦ୍ଧାର କରି ଥାନାକୁ ନେଇଥିଲା। ତେବେ ଅଧ୍ୟକ୍ଷ ପ୍ରଧାନ କହିଛନ୍ତି, କଲେଜର ଠିକ୍ ପରିଚାଳନା ଓ ସୁନାମ ପାଇଁ କିଛି ବିଭାଗରେ ଦାୟିତ୍ୱ ପରିବର୍ତ୍ତନ କରାଯାଇଛି। ଏହାକୁ ନେଇ କେତେଜଣ ଅଧ୍ୟାପକ ଛାତ୍ରମାନଙ୍କୁ ଲଗାଇ ବିରୋଧ ପ୍ରଦର୍ଶନ କରିଥିଲେ। କାର୍ଯ୍ୟାଳୟରେ ଭଙ୍ଗାରୁଜା ଓ ତାଙ୍କୁ ଅସମ୍ମାନ କରାଯାଇଥିବା ନେଇ ଅଧ୍ୟକ୍ଷ ପ୍ରଧାନ ଶୁକ୍ରବାର ରାତିରେ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଏକ ମାମଲା (ନଂ.୧୭୬/୨୬) ରୁଜୁ ହୋଇଥିବା ଟାଉନ ଥାନାଧିକାରୀ ପ୍ରଭାଂଶୁ ମିଶ୍ର କହିଛନ୍ତି। ଶନିବାର ପୁନର୍ବାର ଏହି ପ୍ରତିବାଦ ଜାରି ରହିଥିବା ବେଳେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ଆଞ୍ଚଳିକ ନିର୍ଦ୍ଦେଶକ ହେମନ୍ତ କୁମାର ଘଡ଼େଇ ଭଦ୍ରକ କଲେଜରେ ପହଞ୍ଚି ତଦନ୍ତ କରିଛନ୍ତି।

# ବିଦ୍ୟାଳୟର ବାର୍ଷିକୋତ୍ସବ




ଜଣେ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

**ଚାନ୍ଦବାଲି, ୧୪।୩(କିଷାନ ପାତ୍ର)**

ଚାନ୍ଦବାଲି ବ୍ଲକ୍ ଗୋପାଳପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ମୋନାଲିସା ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୋପାଳପୁର ଆଞ୍ଚଳିକ ସାଧନକେନ୍ଦ୍ରର ସଂଯୋଜକ ତପନ ସାହୁ, ମୁଖ୍ୟବକ୍ତା ଭଦ୍ରକ ଜିଲା ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନର ସଭାପତି ପ୍ରଦୀପ ଦାଶ ଓ ଅନ୍ୟତମ ଅତିଥି ଭାବେ ଭାରତୀ ବେହେରା ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଭାଗ୍ୟଶ୍ରୀ ପୃଷ୍ଟି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। କେବଳ ପୁସ୍ତକଗତ ବିଦ୍ୟା ନୁହେଁ ବରଂ ପ୍ରକୃତି, ପରିବେଶରୁ ଜ୍ଞାନ ଆହରଣ କରି ଶୃଙ୍ଖଳିତ ଓ ସଂଯମ ଜୀବନଯାପନ କରି ଆଦର୍ଶବାନ ବିଦ୍ୟାର୍ଥୀ ହେବା ପାଇଁ ଅତିଥିମାନେ ପିଲାମାନଙ୍କ ଉଦ୍ଦେଶ୍ୟରେ ଉପଦେଶ ପ୍ରଦାନ କରିଥିଲେ। ବାର୍ଷିକ କ୍ରୀଡ଼ାର ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକମାନେ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ମୋନାଲିସା ମହାପାତ୍ର ଧନ୍ୟବାଦ ଦେଇଥିଲେ।

# 'ସଂସ୍କୃତି ବଞ୍ଚିଲେ ଆମେ ବଞ୍ଚିବା'



ଢୋଲକ ସମ୍ମିଳନୀରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ବାର୍ଷିକ ଢୋଲକ ସମ୍ମିଳନୀ

**ଚାନ୍ଦବାଲି, ୧୪।୩(କିଷାନ ପାତ୍ର)**

ଚାନ୍ଦବାଲି ବ୍ଲକ ଅଧୀନ ବୋହୂସିଙ୍ଗିଟି ଗ୍ରାମରେ ଶନିବାର ମଦନ ମୋହନ କଳା ସଂସ୍କୃତି ଗବେଷଣା କେନ୍ଦ୍ର ସଙ୍ଗଠନ ପକ୍ଷରୁ ୫ମ ବାର୍ଷିକ ଢୋଲକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ସଭାପତି ଅଟଳ ବିହାରୀ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ କହିଥିଲେ, ପୁରୁଣା ସଂସ୍କୃତିକୁ ଉକ୍ତ ସଙ୍ଗଠନ ବଜାୟ ରଖିଛି। ସଂସ୍କୃତି ବଞ୍ଚିଲେ ଆମେ ବଞ୍ଚିବା। ଏହି ଲୋକକଳା ଓ ପରମ୍ପରା ବଞ୍ଚାଇ ରଖିବା ପାଇଁ ଯୁବ ସମାଜ ଆଗ୍ରହ ପ୍ରକାଶ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଅନ୍ୟତମ ଅତିଥି ଭାବେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଜିଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, ତ୍ୟାଗଭୂମି ସଭାପତି ଅଜୟ ନାୟକ, ଅବସରପ୍ରାପ୍ତ ଡା. ବିଚିତ୍ରାନନ୍ଦ ମିଶ୍ର, ପୂର୍ବତନ ସରପଞ୍ଚ କାହ୍ନୁଚରଣ ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଜୟନ୍ତ ନାୟକ ଓ ବୈଷ୍ଣବ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବସନ୍ତ ଧଳ, ମହେନ୍ଦ୍ର ଧଳ, ପୁରୁଷୋତ୍ତମ ମଲ୍ଲିକ, ସୁଶାନ୍ତ ପୁହାଣ, ସୁବାସ ବଳଙ୍କ ସମେତ ଢୋଲକ ବାଦକ ଯୋଗ ଦେଇଥିଲେ। ଜିଲା କଳା ସଂସ୍କୃତି ସଂଘର ଉପସଭାପତି ତ୍ରିଲୋଚନ ପଣ୍ଡା ମଞ୍ଚ ସଞ୍ଚାଳନ କରିଥିଲେ। ଏହି ଅବସରରେ ଜିଲାପାଳ କଳାକାରମାନଙ୍କ ପାଇଁ ଏକ ନୂତନ ଗୃହ ଉଦ୍‌ଘାଟନ ଓ ଏକ ପୁସ୍ତକ ଉନ୍ମୋଚନ କରିଥିଲେ।

# ବିଦାୟୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**ବାସୁଦେବପୁର, ୧୪।୩(କାଳିପଦ ରାୟ)**

ବାସୁଦେବପୁର ବ୍ଲକ୍ ଅଧୀନ ପଦ୍ମପୁର ପଞ୍ଚାୟତ ଅଗାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କୁ ଶନିବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ୧୩ ଛାତ୍ରୀ ଓ ୧୩ ଛାତ୍ର ଅଷ୍ଟମ ଶ୍ରେଣୀ ପରୀକ୍ଷା ଦେଇ ସାରିଛନ୍ତି। ପ୍ରଧାନଶିକ୍ଷକ ଶଶିକାନ୍ତ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପରିଚାଳନା କମିଟି ସଭାପତି ବସନ୍ତ କୁମାର ନାୟକ, ସିଆର୍‌ସିସି ଅଜିତ କୁମାର ମହାରଣା, ଶିକ୍ଷୟିତ୍ରୀ ମମତା ଦାସ, କନକଲତା ବଳ, ଅନୀତା ନାୟକ ଗୌରୀଲତା ବେହେରା, ଶିକ୍ଷକ ରାଧାଶ୍ୟାମ ବାରିକ, ଶ୍ରେଣୀ ଶିକ୍ଷକ ସୁବୋଧ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନେ ଆଗକୁ ଉଚ୍ଚ ଶିକ୍ଷା ଲାଭ କରି ଭଲ ମଣିଷ ହେବାକୁ ଶିକ୍ଷକମାନେ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ ସମସ୍ତ ଛାତ୍ରୀଛାତ୍ରଙ୍କୁ ଆଶୀର୍ବାଦ ଦେବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

# ଗୁରୁଶ୍ରୀ ସୁବାସ ମଲ୍ଲିକ ସମ୍ବର୍ଦ୍ଧିତ

**ଧାମନଗର, ୧୪।୩ (ସନ୍ତୋଷ କୁମାର ମହାପାତ୍ର)**

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକର ପୋତାରିଠାରେ ଗତ ୧୦ ତାରିଖରୁ ଚାଲିଥିବା ଏକାଦଶତମ ପାଇକା ମହୋତ୍ସବ-୨୦୨୬ର ୨ୟ ସନ୍ଧ୍ୟାରେ ଧାମନଗର ଅଞ୍ଚଳର ଲୋକ ସଂସ୍କୃତି ଗବେଷକ ତଥା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସମ୍ମାନପ୍ରାପ୍ତ ଗୁରୁଶ୍ରୀ ସୁବାସ ଚନ୍ଦ୍ର ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମହୋତ୍ସବ କମିଟିର ସମ୍ପାଦକ ସାମାଜିକ କର୍ମୀ ପ୍ରତାପ ଚନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଫକୀର ମୋହନ ସ୍ମୃତି ସଂସଦର ପ୍ରତିଷ୍ଠାତା ସଭାପତି ତଥା କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତି, ମୁଖ୍ୟବକ୍ତା ପଲ୍ଲୀପ୍ରତିଭା ସାହିତ୍ୟ ସଂସ୍କୃତି ପରିଷଦର ସଭାପତି ଶିକ୍ଷାବିତ୍ ଚୈତନ୍ୟ ରାଉତ, ବିଶିଷ୍ଟ ଅତିଥି ଶିକ୍ଷାବିତ୍ ସତ୍ୟବ୍ରତ ପୁହାଣ, ବିଶିଷ୍ଟ ବକ୍ତା ଗୁରୁଶ୍ରୀ ମଲ୍ଲିକ, ଅନ୍ୟତମ ଅତିଥି ଭାବେ ବରିଷ୍ଠ କବୟିତ୍ରୀ ଜୟନ୍ତୀ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନର ସ୍ଥାୟୀ ସଭାପତି ସାମାଜିକ କର୍ମୀ ସର୍ବେଶ୍ୱର ଦାସ ମଞ୍ଚ ପରିଚାଳନା କରିଥିଲେ।



ଲୋକ ସଂସ୍କୃତି ଗବେଷକ ଗୁରୁଶ୍ରୀ ସୁବାସ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଏଆଇ ଉପକରଣ ବ୍ୟବହାର ସମ୍ପର୍କିତ କର୍ମଶାଳା




କର୍ମଶାଳାରେ ଜିଲାପାଳ ଦିଲୀପ ରାଉତରାଏ ଓ ଅନ୍ୟମାନେ।

**ଭଦ୍ରକ, ୧୪।୩(ସନାତନ ରାଉତ)**

ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ଏବଂ ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର ପକ୍ଷରୁ କୃତ୍ରିମ ବୁଦ୍ଧିମତା (ଏଆଇ) ଉପକରଣଗୁଡ଼ିକର ବ୍ୟବହାର ସମ୍ବନ୍ଧୀୟ ଦିନିକିଆ କର୍ମଶାଳା ଶୁକ୍ରବାର ଭଦ୍ରକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜିଲାପାଳ ଦିଲୀପ ରାଉତରାଏ ପ୍ରଦୀପ ପ୍ରଜ୍ୱଳନ କରି କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। କର୍ମଶାଳାରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ରବି ନାରାୟଣ ସାହୁ, ଅତିରିକ୍ତ ଜିଲାପାଳ (ସାଧାରଣ) ସରୋଜ ଦତ୍ତ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ବିଭିନ୍ନ କାର୍ଯ୍ୟାଳୟର ଅଧିକାରୀ ଏବଂ ଅନ୍ୟାନ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିଲେ। କର୍ମଶାଳାରେ ଏଆଇ ପ୍ରଯୁକ୍ତିର ବ୍ୟବହାର ମାଧ୍ୟମରେ ପ୍ରଶାସନିକ କାର୍ଯ୍ୟଧାରାକୁ କିପରି ଡିଜିଟାଲ ରୂପାନ୍ତରଣ ସହ ଅଧିକ ସ୍ୱଚ୍ଛତା ଓ କ୍ଷୀପ୍ରତା ଆଣି ହେବ ସେ ସମ୍ବନ୍ଧରେ ପ୍ରଶିକ୍ଷଣ ଦିଆଯାଇଥିଲା। ଜିଲା ଇ-ଗଭର୍ଣ୍ଣାନ୍ସ ପରିଚାଳକ ବିଜୟାନନ୍ଦ କରଙ୍କ ସହଯୋଗରେ ଓଡ଼ିଶା କଲେଜ କର୍ପୋରେସନ ଟେକ୍ନିକାଲ ଟିମ୍ ପ୍ରଶିକ୍ଷଣକୁ ପରିଚାଳନା କରିଥିଲେ। କର୍ମଶାଳାରେ ଏଆଇ ଉପକରଣଗୁଡ଼ିକର ଠିକ୍ ବ୍ୟବହାର ଦ୍ୱାରା ପ୍ରଶାସନିକ କାର୍ଯ୍ୟକୁ ଅଧିକ ସୁଦୃଢ଼, ସ୍ୱଚ୍ଛ ଏବଂ କ୍ଷମତାଶୀଳ କରିବାରେ ସହାୟକ ହେବ ବୋଲି ମତ ପ୍ରକାଶ ପାଇଥିଲା।

## ପରିବର୍ତ୍ତନ ସଂକଳ୍ପ ସଭାର ସିଧାପ୍ରସାରଣ

**ଭଦ୍ରକ, ୧୪।୩(ସନାତନ ରାଉତ)**

ପଶ୍ଚିମବଙ୍ଗର ବ୍ରିଗେଡ୍ ପଡ଼ିଆରେ ଶନିବାର ଅନୁଷ୍ଠିତ ପ୍ରଧାନମନ୍ତ୍ରୀଙ୍କ ପରିବର୍ତ୍ତନ ସଂକଳ୍ପ ସଭାର ସିଧାପ୍ରସାରଣ ଭଦ୍ରକ ଜିଲା ଭାଜପା କାର୍ଯ୍ୟାଳୟରେ ପ୍ରଦର୍ଶିତ କରାଯାଇଛି। ଜିଲାର ବେଙ୍ଗଲୀ ବଙ୍ଗୀୟ ଟୋଲି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଭାଜପା ଜିଲା ସାଧାରଣ ସମ୍ପାଦକ ତପନ ମହାନ୍ତି, ବଙ୍ଗୀୟ ଟୋଲିର ଜିଲା ସଂଯୋଜକ ବିଜୟ ରାମ, ଜିଲା ଉପସଭାପତି ଅଜୟ ନାୟକ, ସମୀର ଗୋସ୍ୱାମୀ, ହୃଷୀକେଶ ଗୋସ୍ୱାମୀ, ସନ୍ଦୀପ ମଜୁମଦାର, ସୁଜିତ ପାଲ୍‌ଙ୍କ ସମେତ ବରିଷ୍ଠ ନେତୃତ୍ୱମାନେ ଉପସ୍ଥିତ ଥିଲେ। ଶେଷ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ ପଶ୍ଚିମବଙ୍ଗରେ ଚାଲୁଥିବା ଭ୍ରଷ୍ଟ ସରକାର ବିରୋଧରେ ଲଢ଼େଇ ଜାରି ରଖିବେ ବୋଲି ବଙ୍ଗୀୟ ଭାଇ ଓ ଭଉଣୀମାନେ ଶପଥ ନେଇଥିଲେ।

# ୧୦୫୦ ମାମଲା ସମାଧାନ

## ରାଷ୍ଟ୍ରୀୟ ଲୋକ ଅଦାଲତ

**ଭଦ୍ରକ, ୧୪।୩(ସନାତନ ରାଉତ)**



ରାଷ୍ଟ୍ରୀୟ ଲୋକଅଦାଲତରେ ମାମଲାଗୁଡ଼ିକର ସମାଧାନ କରାଯାଉଛି।

ଜାତୀୟ ଆଇନସେବା ପ୍ରାଧିକରଣ ଓ ରାଜ୍ୟ ଆଇନସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶକ୍ରମେ ଭଦ୍ରକ ଜିଲା କୋର୍ଟରେ ଶନିବାର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକରଣର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଭାତ କୁମାର ରାଜଗୁରୁ ଅଧ୍ୟକ୍ଷତା କରିଥିବା ବେଳେ ଭାରପ୍ରାପ୍ତ ସଚିବ ଶିବାନୀ ଏହି ଲୋକ ଅଦାଲତକୁ ପରିଚାଳନା କରିଥିଲେ। ମୋଟ ୧କୋଟି ୯୪ଲକ୍ଷ ୩୦ହଜାର ୩୮୬ଟଙ୍କାରେ ୧୦୫୦ଟି ମାମଲାର ଆପୋଷ ସମାଧାନ ହୋଇଥିଲା। ୧୯ଟି ମୋଟରଯାନ ଦୁର୍ଘଟଣା, ୪୭ଟି ଚେକ ବାଉନ୍ସ, ୧୭ ବୈବାହିକ ମାମଲା, ୫୬୮ ରାଜସ୍ୱ ମାମଲା, ୬୩ ଅନ୍ୟାନ୍ୟ ଦେୱାନୀ ମାମଲା, ୨୨୦ ବ୍ୟାଙ୍କ ଋଣ ମାମଲା, ୧୮ଟି ଟେଲିଫୋନ ବିଲ୍ ସମ୍ବନ୍ଧୀୟ ମାମଲା, ୫୯୦ ବିଦ୍ୟୁତ୍ ମାମଲା, ୩୦ଟି ବକେୟା ଟ୍ରାଫିକ ଚାଲାଣ ମାମଲାର ଆପୋଷ ସମାଧାନ କରାଯାଇଛି।

# ଏକକ ଶ୍ରେଣୀ ଗୃହରେ ଚାଲିଛି ୧୨୦ ସ୍କୁଲ

## ଘରୋଇ ସ୍କୁଲ୍‌ମୁହାଁ ଛାତ୍ରୀଛାତ୍ର

ବାରିପଦା,୧୪।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ଏକକ ଶ୍ରେଣୀ ଗୃହରେ ଶିକ୍ଷାଦାନ ଜାରି ରହିଛି। ରାଜ୍ୟର ସର୍ବବୃହତ ଓ ଅନଗ୍ରସର ଏହି ଜିଲାରେ ସର୍ବାଧିକ ୧୨୦ଟି ସରକାରୀ ବିଦ୍ୟାଳୟରେ ଏବେ ଛାତ୍ରୀଛାତ୍ର ଗୋଟିଏ ଶ୍ରେଣୀ ଗୃହରେ ଶିକ୍ଷା ଗ୍ରହଣ କରୁଛନ୍ତି। ଏପରି ବିଦ୍ୟାଳୟରେ ଆବଶ୍ୟକ ଶ୍ରେଣୀଗୃହ ନିର୍ମାଣ ନ ହେବା ଶିକ୍ଷା ଅଧିକାର ଆଇନକୁ ଉଲ୍ଲଂଘନ କରୁଛି। ନିକଟରେ ବିଧାନସଭାରେ ବାରବାଟୀ–କଟକ ବିଧାୟିକା ସୋଫିଆ ଫିରଦୋଶ ପ୍ରଶ୍ନ ଉଠାଇ ରାଜ୍ୟର ସରକାରୀ ବିଦ୍ୟାଳୟରେ ଶିକ୍ଷା ଗୁଣବତ୍ତା ଉପରେ ପ୍ରଶ୍ନ ଚିହ୍ନ ଲଗାଇଛନ୍ତି। ସେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ପଚାରିଥିବା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ରଖିଥିବା ତଥ୍ୟ ଚିନ୍ତାଜନକ ରହିଛି। ଯାହାକୁ ନେଇ ଅଭିଭାବକମାନେ ସରକାରୀ ପରିବର୍ତ୍ତେ ବେସରକାରୀ ସ୍କୁଲରେ ପାଠପଢ଼ାଇବାକୁ ଆଗ୍ରହ ପ୍ରକାଶ କରୁଛନ୍ତି।

ସରକାରୀ ଓ ବେସରକାରୀ ସ୍ତରରେ ଉନ୍ନତ ଶିକ୍ଷାଦାନ ପାଇଁ ସମ୍ପ୍ରତି ନୂତନ ଜାତୀୟ ଶିକ୍ଷାନୀତି ପ୍ରଣୟନ କରାଯାଇଛି। ଉତ୍ତମ ଶିକ୍ଷାଦାନ ସହିତ ପାରିପାର୍ଶ୍ୱିକ ପରିବେଶ ଦ୍ୱାରା ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ବିକାଶ ହୋଇଥାଏ । ମାତ୍ର ପୂର୍ବ ସରକାର ସମୟରେ ଜିଲାରେ ବନ୍ଦ ହୋଇଥିବା ସ୍କୁଲଗୁଡ଼ିକ ପୁନଶ୍ଚ ନ ଖୋଲିବା ଓ ଏକକ ବିଦ୍ୟାଳୟରେ ବସି ପାଠପଢ଼ିବା ଦ୍ୱାରା ଶିକ୍ଷା ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ତଥ୍ୟ ଅନୁଯାୟୀ, ରାଜ୍ୟର ପ୍ରାୟ ୧୮୯୮ରୁ ୧୯୦୦ ମସିହା ପର୍ଯ୍ୟନ୍ତ ସରକାରୀ ବିଦ୍ୟାଳୟରେ ଏକ କ୍ଲାସରୁମରେ ଏକାଧିକ ଶ୍ରେଣୀ(ମଲ୍ଟି–ଗ୍ରେଡ ଟିଚିଂ) ଚାଲୁଛି। ୩୦ଟି ଜିଲା ମଧ୍ୟରୁ କୋରାପୁଟ ପରେ ଦ୍ୱିତୀୟ ସର୍ବାଧିକ ମୟୂରଭଞ୍ଜ ଜିଲାରେ ୧୨୦ଟି ବିଦ୍ୟାଳୟରେ ଏକକ ଶ୍ରେଣୀଗୃହରେ ଶିକ୍ଷାଦାନ ଜାରି ରହିଛି। ଜିଲାର ୨୬ଟି ବ୍ଲକ୍ ମଧ୍ୟରୁ ବଡ଼ସାହି ଓ ଠାକୁରମୁଣ୍ଡା ବ୍ଲକ୍‌ରେ ସର୍ବାଧିକ ୧୨ଟି ଲେଖାଏ ସରକାରୀ ବିଦ୍ୟାଳୟରେ ଏଭଳି ସ୍ଥିତିରେ ଥିବା ବେଳେ ରାଷ୍ଟ୍ରପତିଙ୍କ ବ୍ଲକ୍ କୁସୁମୀରେ ୧୧, ଉଦଳା ଓ ଗୋପବନ୍ଧୁନଗର ବ୍ଲକ୍‌ରେ ୧୦ ଲେଖାଏ, କପ୍ତିପଦାରେ ୭, ରରୁଆଁରେ ୬, ଶୁଳିଆପଦା,ବିଜାତଳା ଓ ବହଳଦାରେ ୫ଟି ଲେଖାଏ, ବାଙ୍ଗିରିପୋଷି, ମୋରଡା, ରାସଗୋବିନ୍ଦପୁର ଓ ସାରସକଣାରେ ୪ଟି ଲେଖାଏ ସରକାରୀ ବିଦ୍ୟାଳୟ ସମସ୍ୟା ଦେଇ ଗତି କରୁଛି। ଶ୍ରେଣୀଗୃହ ଅଭାବରୁ, ବାରଣ୍ଡା, ଅଫିସଗୃହ, ରୋଷଇଗୃହ ଏପରିକି ଗଛତଳେ ମଧ୍ୟ ପାଠପଢା ଚାଲିଛି। ଡିଜିଟାଲ ଯୁଗରେ ଭଳି ଅବ୍ୟବସ୍ଥାକୁ ନେଇ ଅଭିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ବିଶେଷକରି ଗ୍ରାମାଞ୍ଚଳ ଓ ଆଦିବାସୀ ଅଞ୍ଚଳରେ ଏହି ସମସ୍ୟା ଅଧିକ ଦେଖିବାକୁ ମିଳିଛି । ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ, ଭିତ୍ତିଭୂମି ବିକାଶ ଓ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଜାରି ରହିଛି । ଶିକ୍ଷକ ନିଯୁକ୍ତି ଓ ନୂତନ ଶ୍ରେଣୀଗୃହ ନିର୍ମାଣ ପାଇଁ ଦ୍ରୁତ ପଦକ୍ଷେପ ଜରୁରୀ । ସରକାରୀ ଶିକ୍ଷା ବ୍ୟବସ୍ଥାରେ ଏହି ସମସ୍ୟା ଦୀର୍ଘଦିନର ଏବଂ କମ୍ ଛାତ୍ରସଂଖ୍ୟା ଥିବା କିମ୍ବା ଦୂରବର୍ତ୍ତୀ ବିଦ୍ୟାଳୟରେ ଏହା ସାଧାରଣ ଘଟଣା ହୋଇପଡ଼ିଛି । ସମସ୍ତ ପିଲାଙ୍କ ପାଇଁ ଗୁଣାତ୍ମକ ଶିକ୍ଷା ନିଶ୍ଚିତ କରିବା ପାଇଁ ସରକାରଙ୍କୁ ଅଧିକ ପ୍ରୟାସ କରିବାକୁ ପଡିବ ବୋଲି ଆଲୋଚନା ଜୋର ଧରିଛି। ଏଥିପ୍ରତି ବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଦାବି କରିଛନ୍ତି।

# ଶିମିଳିପାଳରେ ଲାଗିଲା ନିଆଁ

ଉଦଳା,୧୪।୩ (ସନ୍ତୋଷ କୁମାର ବାଛିନୀ)

ଶିମିଳିପାଳ ଅଭୟାରଣ୍ୟର ସାଉଥ୍ ଡିଭିଜନ ପୋଡାଡିହା ରେଞ୍ଜର ମନଭଙ୍ଗା ବିଟ୍ ଅଞ୍ଚଳରେ ଲାଗିଥିବା ନିଆଁକୁ ବନ ବିଭାଗ ଆୟତ୍ତ କରିଛି। ନିଆଁ ଶିମିଳିପାଳର ବଫର ଏରିଆରେ ଲାଗିଥିବା ବେଳେ ଅତି ବ୍ୟାପକ ଭାବେ ତାହା ଅଭୟାରଣ୍ୟ ଭିତରକୁ ବ୍ୟାପିବାରେ ଲାଗିଥିଲା । ବଡ଼ ବଡ଼ଗଛ ସବୁ ଜଳିଯିବା ସହିତ ନିଆଁକୁ ଆୟତ୍ତ କରିବାକୁ ବନ ବିଭାଗ ନାକେଦମ ହୋଇଥିଲା। ଅଭୟାରଣ୍ୟରେ ଥିବା ବହୁ ଔଷଧୀୟ ଗୁଳ୍ମ ଲତା ସହିତ ମୂଲ୍ୟବାନ ଗଛ ପୋଡି ନଷ୍ଟ ହୋଇଯାଇଛି। ସେପଟେ ନିଆଁ ଅତି ବ୍ୟାପକ ଭାବେ ବ୍ୟାପିବାରେ ଲାଗିଥିବାରୁ ପାଦଦେଶରେ ଥିବା ଗ୍ରାମବାସୀ ମଧ୍ୟ ଚିନ୍ତାରେ ରହିଛନ୍ତି। ତେବେ ଶନିବାର ଭୋର ସମୟରେ ଜଙ୍ଗଲରେ ଲାଗିଥିବା ନିଆଁକୁ ଆୟତ୍ତ କରାଯାଇଥିବା ପୋଡାଡିହା ରେଞ୍ଜର ଅନୁକୂଳ ଚନ୍ଦ୍ର ଜେନା କହିଛନ୍ତି। ତେବେ ନିଆଁ ଶିମିଳିପାଳର କେଉଁ ପଏଣ୍ଟରେ ଆଉ ଲାଗିଛି କି ନାହିଁ ତାହା ରାତିରେ ସ୍ପଷ୍ଟ ଜଣାପଡିବ ବୋଲି କହିଛନ୍ତି ସ୍ଥାନୀୟ ବାସିନ୍ଦା ଅରୁଣ କୁମାର ବାରିକ।

# ହାତୀ ପାଇଁ ଜାତୀୟ ରାଜପଥ ଅବରୋଧ



ଜାତୀୟ ରାଜପଥ ଅତିକ୍ରମ କରୁଥିବା ହାତୀ।

ବୈଶିଙ୍ଗା,୧୪।୩ (ରତନ ଦାଶ)

ହାତୀ ପାଇଁ ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ୧୮ନଂ. ଜାତୀୟ ରାଜପଥ ଏକ ଘଣ୍ଟା ଅବରୋଧ ହୋଇଥିବା ସୂଚନା ମିଳିଛି। ଶୁକ୍ରବାର ରାତି ୧୦ଟା ସମୟରେ ୩ଟି ଦନ୍ତାହାତୀ ବଡ଼ାମପୁର ଜଙ୍ଗଲରୁ ବାହାରି ପଣସିଆ ଓ ହେମପୁର ହୋଇ ଜାତୀୟ ରାଜପଥର ବାଲେଶ୍ୱର ଓ ମୟୂରଭଞ୍ଜ ଜିଲା ସୀମାନ୍ତ କଳମା ଠାରେ ପହଞ୍ଚିଥିଲେ। ତେବେ ହାତୀଙ୍କ ଚଳାଚଳ ଉପରେ ନଜର ରଖିଥିବା ବେତନଟୀ ଓ ବୈଶିଙ୍ଗା ବନ ବିଭାଗ କର୍ମଚାରୀମାନେ ସେଠାରେ ଉପସ୍ଥିତ ରହି ଉଭୟ ପାର୍ଶ୍ୱରୁ ଯାନବାହାନ ଚଳାଚଳ ନିୟନ୍ତ୍ରଣ କରିଥିଲେ। ଫଳରେ ଘଣ୍ଟାଏ ଧରି ଯାନବାହାନ ଅଟକି ରହିଥିଲା। ବନ ବିଭାଗ କର୍ମଚାରୀଙ୍କ ବାରଣ ସତ୍ତ୍ୱେ ଶତାଧିକ ଦେଖଣାହାରୀ ଫଟୋ, ଭିଡଓ ଏବଂ ସେଲଫି ନେବାକୁ ଭିଡ଼ ଜମାଇଥିଲେ। ହାତୀମାନେ ରାସ୍ତା ପାରି ହୋଇ ରାତି ୧୨ଟା ସମୟରେ ବୁଢ଼ାବଳଙ୍ଗ ନଦୀ ଅତିକ୍ରମ କରି ବାଲେଶ୍ୱର ଜିଲାର ନୀଳଗିରି ଦିଗରେ ଅଗ୍ରସର ହୋଇଥିବା ବନ ବିଭାଗ ସୂଚନା ଦେଇଛି।

# ବାରିପଦାରେ ରାଷ୍ଟ୍ରୀୟ ଲୋକ ଅଦାଲତ

ବାରିପଦା,୧୪।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବାରିପଦାଠାରେ ଜିଲା ଓ ଦୌରାଜଜଙ୍କ କାର୍ଯ୍ୟାଳୟ ପରିସରରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୨,୫୬୮ଟି ମାମଲା ମଧ୍ୟରୁ ୪୩୨୧ଟି ମାମଲାର ଅପୋଷ ବିଚାର ହୋଇ ମୋଟ ୨,୯୪,୮୫,୬୬୬ ଟଙ୍କା ଅଦାୟ ପାଇଁ ସମାଧାନ ହୋଇଛି।

ଜିଲା ଓ ଦୌରାଜଜ ତଥା ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ସୁଦୀପ୍ତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ପ୍ରାକ ମୋକଦ୍ଦମା ସମ୍ପର୍କିତ ୬୮୨୭ଟି ମାମଲା ମଧ୍ୟରୁ ୮୦୯ଟି ମାମଲାର ଅପୋଷ ବିଚାର ହୋଇ ୧ କୋଟି ୨୨ ଲକ୍ଷ ୧୮ ହଜାର ୯୫୯ ଟଙ୍କା ଆଦାୟ ପାଇଁ ସମାଧାନ ହୋଇଛି। ସେହିପରି ବକେୟା ଥିବା ବିଭିନ୍ନ ଶ୍ରେଣୀଭୁକ୍ତ ୫୭୪୧ଟି ମାମଲା ମଧ୍ୟରୁ ସାଲିସ ଯୋଗ୍ୟ ଫୌଜଦାରୀ ମାମଲା ୫୮ ମଧ୍ୟରୁ ୩ଟି, ଏନ. ଆଇ. ଆକ୍ଟ ଧାରା ୧୩୮ ଅନ୍ତର୍ଗତ ୧୧୨ ଟି ମାମଲା ମଧ୍ୟରୁ ୨୪ଟି, ବ୍ୟାଙ୍କ ଋଣ ଅଦାୟ ସମ୍ବନ୍ଧିତ ୬୬ ଟିରୁ ୧୫ଟି, ମୋଟର ଯାନ ଦୁର୍ଘଟଣା ମାମଲା ୧୯୭ଟିରୁ ୧୫ଟି, ବୈବାହିକ (ଛାଡପତ୍ର ବ୍ୟତୀତ) ସମ୍ବନ୍ଧୀୟ ୧୧୪ଟି ମାମଲା ମଧ୍ୟରୁ ୩୮ଟି, ରାଜସ୍ୱ ମାମଲା ୩୪୪୯ଟି ମଧ୍ୟରୁ ୨୪୫୬ଟି, ଅନ୍ୟାନ୍ୟ ଦେୱାନୀ ମାମଲା ୨୧୭ଟି ମଧ୍ୟରୁ ୪୫ଟି, ଖାଉଟି ମାମଲା ସମ୍ବନ୍ଧୀୟ ୭ଟି ମଧ୍ୟରୁ ୧ଟି ଓ ଅନ୍ୟାନ୍ୟ ଫୌଜଦାରୀ ମାମଲା ୧୨୬୫ଟି ମଧ୍ୟରୁ ୯୧୫ଟିକୁ ମିଶାଇ ମୋଟ ୩୫୧୨ଟି ମାମଲାର ଫଇସଲା କରାଯାଇ ୧ କୋଟି ୭୨ ଲକ୍ଷ ୬୬ ହଜାର ୭୦୭ ଟଙ୍କା ଆଦାୟ ପାଇଁ ସମାଧାନ ହୋଇଛି।

ଜିଲା ଆଇନ ସେବା ପ୍ରାଧିକରଣର ସଚିବ ରାଜଶ୍ରୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ପରିବାର ଅଦାଲତ ଜଜ ପ୍ରଜ୍ୟୋତି ରାଉତ, ସିନିୟର ସିଭିଲ ଜଜ (ଏଲଆର ଓ ଏଲଟିଭି ) ସୁଦାମ ଚରଣ ଦାଶ, ସିନିୟର ସିଭିଲ ଜଜ ସତରୂପା ଶତପଥୀ, ଏସଡିଜେଏମ. ଜ୍ୱେଲ ପଟ୍ଟନାୟକ, ଜେଏମଏଫସି–୧ ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଜେଏମଏଫସି ମଧୁଶ୍ରବା ମହାନ୍ତି, ଜେଏମଏଫସି ସୀମା ଅଗ୍ରୱାଲ, ଜେଏମଏଫସି(ଏଲଆର ଓ ଏଲଟିଭି) ଶୁଭ୍ରାଂଶୁ ଠାକୁରଙ୍କ ସମେତ ଅନ୍ୟାନ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଓ ମାମଲା ସମାଧାନ ନିମନ୍ତେ ଗଠନ ହୋଇଥିବା ବିଭିନ୍ନ ବେଞ୍ଚରେ ନିଯୁକ୍ତ ଥିବା ସଦସ୍ୟ ତଥା ସରକାରୀ ଓକିଲ ଉମାକାନ୍ତ ରାଉତ, ଆଇନଜୀବୀ ସତ୍ୟ ନାରାୟଣ ବେହେରା, କମଳ କୁମାର କୁଆଁରବାବୁ, ଧିରେନ୍ଦ୍ର କୁମାର ମହାପାତ୍ର ତଥା ବାରିପଦା ଓକିଲ ସଂଘର ଅନ୍ୟ ଆଇନଜୀବୀ ତଥା ରାଜସ୍ୱ ବିଭାଗ, ବିଭିନ୍ନ ରାଷ୍ଟ୍ରାୟତ୍ତ, ଘରୋଇ ବ୍ୟାଙ୍କ ଅଧିକାରୀ, ଟେଲିଫୋନ, ବିଦ୍ୟୁତ୍ ବିଭାଗ ଓ ପ୍ରାଧିକରଣର ଅନ୍ୟାନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ।



ବିଚାରପତି ମାମଲାର ଶୁଣାଣି କରୁଛନ୍ତି।

# ଆମ କଳିକା କେନ୍ଦ୍ରରେ ସିଲଟ, ଖଡ଼ି ପ୍ରଦାନ



ଖଡି, ସିଲଟ ବଣ୍ଟନ କାର୍ଯ୍ୟକ୍ରମରେ ଆଦିବାସୀ ସେଙ୍ଗେଲ ଅଭିଯାନର କର୍ମକର୍ତ୍ତାମାନେ।

ବାରିପଦା,୧୪।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ଜନାର୍ଦ୍ଦନପୁର ୧ନଂ. ୱାର୍ଡସ୍ଥିତ 'ଆମ କଳିକା' କେନ୍ଦ୍ରର ଛୋଟ ପିଲାମାନଙ୍କୁ ଶନିବାର ଆଦିବାସୀ ସେଙ୍ଗେଲ ଅଭିଯାନ ବାରିପଦା ଜୋନାଲ କମିଟି ପକ୍ଷରୁ ସିଲଟ, ଖଡ଼ି ପ୍ରଦାନ କରାଯାଇଛି। ଉପସଭାପତି ବାହାଦୁର ମୁର୍ମୁ ଏହା ପ୍ରଦାନ କରିଥିଲେ। ପିଲାମାନଙ୍କର ଦାୟିତ୍ୱରେ ଥିବା ଦୁଇ ଜଣ ମହିଳା ଉକ୍ତ ସିଲଟ ଖଡ଼ି ମାଧ୍ୟମରେ ପ୍ରଶିକ୍ଷଣ ଦେବାରେ ସୁବିଧା ହେବେ ବୋଲି ଆଦିବାସୀ ସେଙ୍ଗେଲ ଅଭିଯାନର ଓଡ଼ିଶା ପ୍ରଦେଶ ପାର୍ଗାନା ସହ ବାରିପଦା ଜୋନାଲ ସଭାପତି ନାରାନ ମୁର୍ମୁ ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଛନ୍ତି । ସିଲଟ ଖଡ଼ି ପ୍ରଦାନ ବେଳେ ଅଲ୍ ଇଣ୍ଡିଆ ମାଝୀ ପାର୍ଗାନା ମାଡୱାର ଜିଲା ସଭାପତି ବିକାଶ ହେମ୍ବ୍ରମ, ଆମ କଳିକା କେନ୍ଦ୍ରର ସୁପରଭାଇଜର ରୀନା ହେମ୍ବ୍ରମ, ରାଇମଣୀ ହେମ୍ବ୍ରମ, ଗ୍ରାମର ମାଝୀବାବା ଟୁକୁଲୁ ହେମ୍ବ୍ରମଙ୍କ ସହ ଜନାର୍ଦ୍ଦନପୁର ସାଇନିଙ୍ଗ କ୍ଲବର ସଦସ୍ୟ ବାରିଆଲ ମୁର୍ମୁ, ସୁବାସ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ।

# ୨ ମାମଲା ରୁଜୁ, ୩୪ କୋର୍ଟ ଚାଲାଣ

## ତହସିଲଦାରଙ୍କ ଗାଡ଼ି ଭଙ୍ଗାରୁଜା ଓ ପୋଲିସକୁ ଆକ୍ରମଣ ଘଟଣା

ବାରିପଦା,୧୪।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବହଳଦା ଛକ ୨୨୦ନଂ ଜାତୀୟ ରାଜପଥରେ ପୋଲିସକୁ ଆକ୍ରମଣ ଓ ତହସିଲଦାରଙ୍କ ଗାଡି ଭଙ୍ଗାରୁଜା ଘଟଣାରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ସରକାରୀ ସମ୍ପତ୍ତି ନଷ୍ଟ ଓ କର୍ମଚାରୀଙ୍କ ପ୍ରତି ଆକ୍ରମଣ ଘଟଣାରେ ପୋଲିସ ଏକ ମାମଲା (ନଂ..୪୦/୨୬)ରେ ରୁଜୁ କରି ୩୪ ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନଙ୍କ ମଧ୍ୟରେ ୭ଜଣ ପୁରୁଷ ରହିଥିବା ବେଳେ ୨୭ଜଣ ମହିଳା ରହିଛନ୍ତି। ତେବେ ଗିରଫ ସଂଖ୍ୟା ବୃଦ୍ଧି ପାଇବ ବୋଲି ରାଇରଙ୍ଗପୁର ଏସ୍‌ଡିପିଓ ବୀରେନ୍ଦ୍ର ସେନାପତି କହିଛନ୍ତି। ଅନ୍ୟ ପକ୍ଷରେ ଆଦିବାସୀ ନାବାଳିକା ପ୍ରତି ଅସଦାଚରଣ ମାମଲାରେ ପୋଲିସ ଅନ୍ୟ ଏକ ମାମଲା (ନଂ. ୩୬/୨୬)ରେ ରୁଜୁ କରି ତଦନ୍ତ ଜାରି ରଖିଛି। ଜଣେ ଆଦିବାସୀ ନାବାଳିକାଙ୍କୁ ଅସଦାଚରଣ ପ୍ରତିବାଦରେ ଅଞ୍ଚଳବାସୀ ଜାତୀୟ ରାଜପଥ ୨୨୦କୁ ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଖବରପାଇ ବହଳଦା ତହସିଲଦାର ଓ ପୋଲିସ ଘଟଣା ସ୍ଥଳରେ ପହଂଚି ବୁଝାସୁଝା କରିବା ସମୟରେ ଲୋକଙ୍କ ଆକ୍ରୋଶର ଶିକାର ହୋଇଥିଲେ। ଲୋକେ ତହସିଲଦାରଙ୍କ ଗାଡ଼ି ଭାଙ୍ଗିବା ସହ ଗାଡ଼ିକୁ ଓଲଟାଇ ଦେଇଥିଲେ। ଏପରିକି ଉପସ୍ଥିତ ଥିବା ପୋଲିସ କର୍ମଚାରୀଙ୍କୁ ଗୋଡାଇ ଗୋଡାଇ ଆକ୍ରମଣ କରିଥିଲେ । ଏଥିରେ ୯ରୁ ଉର୍ଦ୍ଧ୍ୱ କର୍ମଚାରୀ ଆହତ ହୋଇଥିଲେ।

# ଦେବୀଦେବଙ୍କ ସୁରକ୍ଷା ନେଇ ଆନ୍ଦୋଳନ ଚେତାବନୀ

ଝାରପୋଖରିଆ,୧୪।୩ (ସୁଧୀର କୁମାର ମହାନ୍ତ)

ଦେବାଦେବୀଙ୍କୁ ଅପମାନ ସହ ଚୋରି ଘଟଣା ନେଇ ଏତଲା ପରେ ମଧ୍ୟ ପୋଲିସ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ଯୋଗୁ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରତିବାଦରେ ଆଦିବାସୀ ସଂଗଠନ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛି। ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଧୀନ ପୋଖରିଆ ଗ୍ରାମ ପଞ୍ଚାୟତ ଢାଲଙ୍ଗସାହି ଗ୍ରାମର ଗ୍ରାମମୁଖ୍ୟ ବାଘ୍ରାୟ ବାସ୍କେ (ମାଝୀବାବା)ଙ୍କ ତତ୍ତ୍ୱାବଧାନରେ ଢାଲଙ୍ଗସାହି ଅଙ୍ଗନୱାଡି କେନ୍ଦ୍ର ପଡ଼ିଆଠାରେ ଗୁରୁବାର ସାର୍ନା ଧର୍ମର ଧାର୍ମିକ ସ୍ଥଳ ଜାହେରଗାଳରୁ ଦେବାଦେବୀଙ୍କୁ ଚୋରି ଏବଂ ଅପମାନ କରାଯାଇଥିବା ପ୍ରତିବାଦରେ ଆନ୍ଦୋଳନ କରିବା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟବକ୍ତା ଭାବେ ନାରାନଡିହି ଗ୍ରାମର ନାରାନ ମୁର୍ମୁ (ମାଝୀବାବା) ଓ ଲକ୍ଷ୍ମଣ କୁମାର ମୁର୍ମୁ (ନାୟକେବାବା) ଉପସ୍ଥିତ ଥିଲେ।

ସୂଚନା ଅନୁଯାୟୀ, ଗତ ଫେବୃୟାରୀ ୨୧ରେ ନାରାନଡିହି ଗ୍ରାମର ଜାହେର ଗାଳରୁ ଇଷ୍ଟଦେବତା ମାରାଂବୁରୁ, ଜାହେର ଆୟ, ମଣେକ ତୁରୁୟକଙ୍କର ପ୍ରତୀକ (ପାଷାଣ) ଚୋରି ହୋଇ ହନୁମାନ ଫଟୋ ସହିତ ଗେରୁଆ ବସ୍ତ୍ର ଲଗାଯାଇ ଅପମାନ କରାଯାଇଥିବା ଅଭିଯୋଗ ହୋଇଥିଲା। ମାଝୀବାବା ନାରାନ ମୁର୍ମୁଙ୍କ ନେତୃତ୍ୱରେ ଗତ ମାର୍ଚ୍ଚ ୨ରେ ଝାରପୋଖରିଆ ଥାନାଧିକାରୀଙ୍କୁ ଲିଖିତ ଅଭିଯୋଗ ଦିଆଯିବା ସତ୍ତ୍ୱେ ମାମଲା ରୁଜୁ ହୋଇ ନ ଥିବାରୁ ଆଦିବାସୀ ସମାଜରେ ଅସନ୍ତୋଷ ଦେଖାଦେଇଛି। ତେଣୁ ଆସନ୍ତା ୨୩ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ଏଥିସହିତ ମୟୂରଭଞ୍ଜର ସମସ୍ତ ଆଦିବାସୀ ଗ୍ରାମର ମାଝୀବାବା ସହ ଗ୍ରାମବାସୀ ଏବଂ ସମସ୍ତ ଆଦିବାସୀ ସାମାଜିକ ସଂଗଠନ ତଥା ଆଦିବାସୀ ସେଙ୍ଗେଲ ଅଭିଯାନ, ମାଝୀ ପାର୍ଗାନା ମହଲ, ଆସେକା, ପେସା କମିଟି, ମାସା, ମାରିସା ଆଦି ସଂଗଠନ ମାନେ ଏକତ୍ରିତ ହୋଇ ଆନ୍ଦୋଳନରେ ସାମିଲ ହେବାକୁ ଉକ୍ତ ବୈଠକରୁ ଆହ୍ୱାନ କରାଯାଇଛି। ବୈଠକରେ ସୁନ୍ଦର ମୋହନ ହାଁସଦା, ଖୁଦିରାମ ଟୁଡୁ, ସାଗ୍ରାମ ମୁର୍ମୁ, କହ୍ନେଇ ହାଁସଦା, କାଳିଚରଣ ଟୁଡୁଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।



ପ୍ରତିବାଦ କରୁଥିବା ଆଦିବାସୀ ସଂଗଠନର ସଦସ୍ୟମାନେ।

# ସର୍ବଦଳୀୟ ବୈଠକରେ ନିନ୍ଦା

## ଜାତୀୟ ରାଜପଥ ଅବରୋଧ ବେଳେ ଉତ୍ତେଜନା ଘଟଣା

ବାରିପଦା,୧୪।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ତିରିଂ ଥାନା ଅଞ୍ଚଳର ଜଣେ ଆଦିବାସୀ ନାବାଳିକାଙ୍କୁ ଅସଦାଚରଣ ଘଟଣାକୁ ନେଇ ରାସ୍ତା ଅବରୋଧ ବେଳେ ପୋଲିସ ପକ୍ଷରୁ ଅମାନବୀୟ ଭାବେ ଆଦିବାସୀମାନଙ୍କ ଉପରେ ଲାଠିଚାର୍ଜକୁ ବିରୋଧ କରାଯାଇଛି। ଏନେଇ ବହଳଦାସ୍ଥିତ ଡାକ ବଙ୍ଗଳାରେ ସ୍ଥାନୀୟ ଆଦିବାସୀଙ୍କୁ ନେଇ ଶନିବାର ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି। ବିଜେଡି ଜିଲା କାର୍ଯ୍ୟକାରୀ ସଭାପତି ରାଇସେନ ମୁର୍ମୁ ଓ ପୂର୍ବତନ ଜିଲା ସଭାପତି କାଶୀନାଥ ହେମ୍ବ୍ରମଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବିଜେଡି, କଂଗ୍ରେସ, ଜେଏମଏମ, ମାସା, ଆସେକା ସମେତ ଅନ୍ୟାନ୍ୟ ଆଦିବାସୀ ସଙ୍ଗଠନର ନେତୃବୃନ୍ଦ ଉପସ୍ଥିତ ଥିଲେ। ବହଳଦା ବାଇପାସରେ ୨୨୦ନଂ. ଜାତୀୟ ରାଜପଥ ଅବରୋଧ ବେଳେ ଆଦିବାସୀ ମାନଙ୍କ ଉପରେ ପୋଲିସ ପକ୍ଷରୁ ଲାଠି ଚାର୍ଜ କରି ଆକ୍ରମଣ କରାଯାଇଛି। ଯାହାକୁ ନେଇ ଆହୁତ ଖବରଦାତା ସମ୍ମିଳନୀରେ ନିନ୍ଦା କରାଯାଇଛି। ରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀ ଉଭୟ ଆଦିବାସୀ ହୋଇଥିବା ବେଳେ ଏହା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଞ୍ଚଳ ଅଟେ। ତେବେ ତାଙ୍କ ଅଞ୍ଚଳରେ ଆଦିବାସୀମାନଙ୍କ ପ୍ରତି ପୋଲିସର ନୀତନା ଏକ ନିନ୍ଦନୀୟ ଘଟଣା ଅଟେ। ନିରୀହ ଆଦିବାସୀମାନଙ୍କୁ ଆକ୍ରମଣ କରିବା ପରେ ୬୦ରୁ ଉର୍ଦ୍ଧ୍ୱ ଲୋକଙ୍କ ନାମରେ ପୋଲିସ ମାମଲା ରୁଜୁ କରିଛି। ରାତିରେ ସେମାନଙ୍କୁ ଘରୁ ଗିରଫ କରି କୋର୍ଟ ଚାଲାଣ କରିଛି। ଆଦିବାସୀ ମାନଙ୍କ ବିରୋଧରେ ହୋଇଥିବା ଥାନାରେ ମାମଲାକୁ ପ୍ରତ୍ୟାହାର କରି ସମସ୍ତ ଗିରଫଙ୍କୁ ଖଲାସ କରିବା, ଦାୟିତ୍ୱରେ ଅବହେଳା କରିଥିବା ପୋଲିସ କର୍ମଚାରୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ପୀଡିତାଙ୍କୁ ସହାୟତା ଯୋଗାଇବାକୁ ଦାବି ହୋଇଛି । ଉକ୍ତ ଦାବି ଗୁଡ଼ିକ ପୂରଣ ନହେଲେ ଆଗକୁ ଆଦିବାସୀ ମାନଙ୍କ ହକ ପାଇଁ ବିଜେଡି ସମେତ ଅନ୍ୟ ଦଳ ମାନଙ୍କ ପକ୍ଷରୁ ମିଳିତ ଭାବେ ମୟୂରଭଞ୍ଜ ଜିଲା ବନ୍ଦ ଡାକରା ଦିଆଯିବ ବୋଲି କାର୍ଯ୍ୟକାରୀ ସଭାପତି ରାଇସେନ ମୁର୍ମୁ ଚେତାବନୀ ଦେଇଛନ୍ତି।

# ସ୍ତ୍ରୀ ହତ୍ୟାକାରୀ ଥାନାରେ ଅଟକ

କରଞ୍ଜିଆ,୧୪।୩ (କବିତା ମହାନ୍ତ)

କରଞ୍ଜିଆ ଥାନା ଅଧୀନ ଶିଆଳିନଇ ଗ୍ରାମରେ ଲୁହା ପାଇପ୍‌ରେ ପିଟି ସ୍ତ୍ରୀଙ୍କୁ ହତ୍ୟା କରିଥିବା ଅଭିଯୁକ୍ତ ସ୍ୱାମୀଙ୍କୁ ପୋଲିସ ଅଟକ ରଖିଛି। ରବିବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି। ମୃତ ମହିଳା ଜଣକ ହେଲେ ଇଚ୍ଛାବତୀ ଦେହୁରୀ। ପାରିବାରିକ କଳହରୁ ସ୍ୱାମୀ ବଳଭଦ୍ର ଦେହୁରୀ ଉତ୍ତେଜିତ ହୋଇ ଇଚ୍ଛାବତୀଙ୍କୁ ଲୁହା ପାଇପରେ ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି।

# ଶ୍ରୀରାମଚନ୍ଦ୍ର ଜ୍ୟୋତିରଥକୁ ସ୍ୱାଗତ

ଉଦଳା,୧୪।୩ (ସନ୍ତୋଷ କୁମାର ବାଛିନୀ)

ଉଦଳା ଠାରେ ବଳାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା ଏବଂ ମହାରାଜା ଶ୍ରୀରାମ ଚନ୍ଦ୍ର ଜ୍ୟୋତି ରଥକୁ ଭବ୍ୟ ସ୍ୱାଗତ କରାଯାଇଛି। ଶନିବାର ସନ୍ଧ୍ୟା ୭ଟାରେ ଏହି ରଥ ଉଦଳା ଥାନାଛକ ପେଟ୍ରୋଲ ପମ୍ପ ନିକଟରେ ପହଞ୍ଚିବା ପରେ ଶୋଭାଯାତ୍ରା ବଜାର ପରିକ୍ରମା କରି ଉଦଳା ହାଇସ୍କୁଲ ଛକ ନିକଟରେ ପହଞ୍ଚିଥିଲା। ସେଠାରେ ଏହି ରଥକୁ ଉଦଳା ଆମେ ଭଞ୍ଜ କଳାକାର, ୟୁନିକ ପ୍ରେସ କ୍ଲବ, ଉଦଳା ଏନଏସି ନଗରପାଳିକା ପ୍ରମିଳା ପଣ୍ଡାଙ୍କ ସମେତ ସ୍ଥାନୀୟ ଜନସାଧାରଣ ସ୍ୱାଗତ କରିଥିଲେ। ବଳାଙ୍ଗୀ ମହୋତ୍ସବ କମିଟିର କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ, ଉପଦେଷ୍ଟା ନରେନ୍ଦ୍ର ମୋହନ ସେନାପତି, କୁମାରେଶ ନାୟକ, ରଂଜିତ ପଲେଇ ଏବଂ ଦିଲ୍ଲୀପ ପାତ୍ରଙ୍କ ସମେତ ମହୋତ୍ସବ କମିଟିର ସମସ୍ତ କାର୍ଯ୍ୟକର୍ତ୍ତା ଏହି ରାଲିରେ ସାମିଲ ହୋଇଛନ୍ତି। ରବିବାର ଏହି ଜାଗରଣ ଯାତ୍ରା ଉଦଳା ରୁ ବାହାରି ଖୁଣ୍ଟା, ହରିପୁର ଗଡ଼, ବଡ଼ସାହି, ମାଣତ୍ରୀ, ପାଟୁଳିପୁରା, ବୈଶିଙ୍ଗା, ବେତନଟି, ଚିତ୍ରଡା, ମୋରଡା, ବାଘଡା, କୋଷ୍ଟା, ଶୁଳିଆପଦା, ଦେଉଳି ହୋଇ ବାରିପଦା ବାଲେଶର ଗୋଲେଇ ରେ ପହଂଚିବ। ଉଦଳା ଠାରେ ଏହି ଜ୍ୟୋତିରଥକୁ ସୱାଗତ କରାଯିବା ସହିତ ଏକ ପଥପ୍ରାନ୍ତ ସଭା ଆୟୋଜିତ ହୋଇଥିଲା। ଏହି ସଭାରେ ଭଞ୍ଜ କଳାକାର ସଦସ୍ୟ କ୍ଷୀରୋଦ ରଞ୍ଜନ ମହାନ୍ତି, ପ୍ରସନ୍ନ ଦାସଙ୍କ ସହିତ ୟୁନିକ ପ୍ରେସ କ୍ଲବ ସଭାପତି ଦୀନବନ୍ଧୁ ବାରିକ, ସର୍ବେଶ୍ୱର ମହାପାତ୍ର, ଶଶିକାନ୍ତ ମିଶ୍ର, ସନ୍ତୋଷ କୁମାର ବାଛିନି,ମୁନା ସାହା, ରବିନ ମହାନ୍ତି ଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ। ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# କାଠ ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ

ମୋରଡ଼ା,୧୪।୩ (ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲାରେ ମାତିଛନ୍ତି କାଠ ଚୋରା ଚାଲାଣକାରୀ। ଜିଲାର ବିଭିନ୍ନ ସ୍ଥାନରୁ ଚୋରାରେ କାଠ ଚାଲାଣ ହେଉଥିଲେ ମଧ୍ୟ ପ୍ରଶାସନ ନିରବ ରହିଛି। ସୂଚନା ଅନୁଯାୟୀ, ଜିଲାର ରାସଗୋବିନ୍ଦପୁର ରେଞ୍ଜ ଅଞ୍ଚଳରେ ଏକ କାଠ ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏକ ବାର ଚକିଆ ଟ୍ରକ ଯୋଗେ ଆକିଶିଆ ଏବଂ ମୂଲ୍ୟବାନ ଶାଳ ଗଣ୍ଡି ବେଆଇନ ଭାବେ ଶୁକ୍ରବାର ବିଳମ୍ବିତ ରାସଗୋବିନ୍ଦପୁର ରେଞ୍ଜ ଆଡକୁ ଯାଉଥିବା ବେଳେ ଉକ୍ତ ରେଞ୍ଜ ଅଧୀନ ବାରିପଦା–ଚିତ୍ରଡା–ଅମର୍ଦ୍ଦା ୬୧ ନମ୍ବର ରାଜ୍ୟ ରାଜପଥର ବାଘୁଆଶୋଳ ନିକଟରେ ଉକ୍ତ ଟ୍ରକର ଚକ ଫାଟିଯିବାରୁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ପରେ ଉକ୍ତ ଟ୍ରକରେ କାଠ ଗଣ୍ଡି ଥିବାର ଖବର ପାଇ ଘଟଣାସ୍ଥଳରେ ଏସସିଏଫ ମେହେରବାନ ଅଲ୍ଲୀ, ରେଞ୍ଜର ଘନଶ୍ୟାମ ସିଂ, ଫୋରେଷ୍ଟର, ଫୋରେଷ୍ଟ ଗାର୍ଡ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଟ୍ରକ ଡ୍ରାଇଭର ଏବଂ ହେଲପରକୁ ଅଟକ ରଖିବା ସହିତ କାଠ ବୋଝେଇ ଟ୍ରକକୁ ଜବତ କରିଛନ୍ତି।

# କିଷାନ ବ୍ରଦର୍ସ ଚାମ୍ପିୟନ

## ମୟୂରଭଞ୍ଜ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ବାରିପଦା,୧୪।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦାସ୍ଥିତ ମଧୁବନ ମିନି ଷ୍ଟାଡିୟମରେ ଜଗନ୍ନାଥ ମିସ୍ତ୍ରୀ ସ୍ମୃତି କମିଟି ଆନୁକୂଲ୍ୟରେ ଆୟୋଜିତ ୨ୟ ବାର୍ଷିକ ସର୍ବଭାରତୀୟ ଦିବାରାତ୍ର ଜଗନ୍ନାଥ ମିସ୍ତ୍ରୀ ସ୍ମାରକୀ ମୟୂରଭଞ୍ଜ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ବାରିପଦାର କିଶାନ ବ୍ରଦର୍ସ ଟାଇ ବ୍ରେକର ଜରିଆରେ ୬–୫ ଗୋଲରେ ମୟୂରଭଞ୍ଜର ସାମଡ଼ିହି ଏଫ୍‌ସି ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଜାତୀୟ ରେଫେରୀ ସନ୍ତୋଷ କୁମାର ରାଉତ, ଦିଲ୍ଲୀପ କୁମାର ପ୍ରଧାନ, ଦୀପକ ଖୁଣ୍ଟିଆ ଓ ରାଜୀବ କୁମାର ହେମ୍ବ୍ରମ ଖେଳ ପରିଚାଳନା କରିଥିଲେ। ମନୋଜ ପାତ୍ର, ଶୁଭଦ୍ରା ହେମ୍ବ୍ରମ ଓ ରଜତ ତିରିଆ ଧାରା ବିବରଣୀ ପ୍ରଦାନ କରିଥିଲେ। ଚାମ୍ପିୟନ ଦଳକୁ ଦେଢ଼ ଲକ୍ଷ ଟଙ୍କା ଓ ଟ୍ରଫି ଏବଂ ରନର ଅପ୍ ଦଳକୁ ଏକ ଲକ୍ଷ ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ୩ୟ ଓ ୪ର୍ଥ ସ୍ଥାନ ଅଧିକାର କରିଥିବା ଝାଡ଼ଖଣ୍ଡର ବ୍ଲାକ୍ ପେନ୍ଥାର ଓ ବିହାରର ଲିଭାରପୁଲ ଦଳକୁ ୨୫ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। କମିଟିର ଯୁଗ୍ମ ସମ୍ପାଦକ ବିନୋଦ ସିଂ ବାବୁଙ୍କ ତରଫରୁ ଶ୍ରେଷ୍ଠ ଖେଳାଳି ଭାବେ ଛୁଟୁ ମୁର୍ମୁ, ଶ୍ରେଷ୍ଠ ଗୋଲ ରକ୍ଷକ ଭାବେ ସଞ୍ଜୟ ହେମ୍ବ୍ରମ, ଶ୍ରେଷ୍ଠ ଡିଫେନ୍ସ ଭାବେ ଗୁମାନ ସିଂହ ଓ ଶ୍ରେଷ୍ଠ ଶଙ୍କଳିତ ଖେଳାଳି ଭାବେ ସୁକୁଲ ମୁର୍ମୁଙ୍କୁ ସାଇକେଲ ପ୍ରଦାନ କରି ପୁରସ୍କୃତ କରାଯାଇଥିଲା।





ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରାଯାଉଛି।

ମୁଖ୍ୟ ଅତିଥି ଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି , ସମ୍ମାନିତ ଅତିଥି ଭାବେ ମୁଖ୍ୟ ପୃଷ୍ଠପୋଷକ ପ୍ରୀତିଶ ବସା ଓ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଜୀବନ କୁମାର ସାହୁ, ଶିଳ୍ପପତି ଅଶୋକ ତ୍ରିପାଠୀ, ବିଶିଷ୍ଟ ଫୁଟବଲ ଖେଳାଳି ପରେଶ ଦାସ ଯୋଗ ଦେଇଥିଲେ। ଆୟୋଜନ କମିଟିର ଅଧ୍ୟକ୍ଷ ଅସିତ ଚରଣ ପତି, ସାଧାରଣ ସମ୍ପାଦକ ଅଶୋକ ମିସ୍ତ୍ରୀ, ସାଙ୍ଗଠନିକ ସମ୍ପାଦକ ଅମର କୁମାର ସେଠି, ଲଲାଟେନ୍ଦୁ ବେହେରା, ବିଜୟ ଦାସ, କଲ୍ୟାଣ ସିହ୍ନା, ବିଶ୍ୱଜିତ ନାୟକ, କୈଳାଶ ବେହେରା, କୁମାର ରଞ୍ଜନ ପଣ୍ଡା, ଦିଲ୍ଲୀପ ମିସ୍ତ୍ରୀ, ପ୍ରଦୀପ ମିସ୍ତ୍ରୀ, ବିଜୟ ଦାସ, କବି ବିଷ୍ଣୁ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଶିଷ୍ଟ ଫୁଟବଲ ଖେଳାଳି ସେଙ୍ଗେଲ ସିଂ ସୋରେନ, ଅମୂଲ୍ୟ ମିଶ୍ର, ଯଦୁନାଥ ମାଝୀ, ଜୟକୃଷ୍ଣ ପାତ୍ର, ନୌସାଦ ଅଲ୍ଲୀ, ଭୁବନ ସାହୁ ଓ ବିଭୁତି ମହାନ୍ତିଙ୍କୁ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।

